# ୧୨୦ ଶିକ୍ଷକଙ୍କ ବଦଳିରେ ଅର୍ଥ କାରବାର, ତଦନ୍ତ ନିର୍ଦ୍ଦେଶ

ଅନୁଗୋଳ,୧୬।୬(ସମିସ)

ନିକଟରେ ଅନୁଗୋଳ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୧୨୦ ଜଣ ଶିକ୍ଷକଙ୍କ ବେଆଇନ ବଦଳି ହୋଇଥିବା ନେଇ ରାଜ୍ୟ ସରକାରଙ୍କ ପାଖରେ ଅଭିଯୋଗ ପହଞ୍ଚିଛି। ହରିହର ମିଶ୍ର ଓ ଅନ୍ୟମାନେ ଏହି ଅଭିଯୋଗ କରିଥିବା ଜଣାପଡ଼ିଛି। ଏହାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଅଭିଯୋଗ ପାଇବା ପରେ ରାଜ୍ୟ ଅତିରିକ୍ତ ଶାସନ ସଚିବ ଗତ ୧୨ ତାରିଖରେ ଦେଇଥିବା ଚିଠି ସଂଖ୍ୟା ୧୫୪୬୮ ଯୋଗେ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ଘଟଣାର ତଦନ୍ତ କରି ସାତ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ପଦାକୁ ଆସିବା ପରେ ଜିଲ୍ଲା ଶିକ୍ଷା ବିଭାଗ ରେ ଚାଞ୍ଚଲ୍ୟ ସୃଷ୍ଟି ହେଇଛି। ଏବେ ଚାରିଆଡେ ଚର୍ଚ୍ଚା ଚାଲିଛି ଏହି ୧୨୦ ଜଣ ଶିକ୍ଷକଙ୍କ ବଦଳିରେ କୋଟି କୋଟି ଟଙ୍କା ସଂଗ୍ରହ କରାଯାଇଛି। ଶିକ୍ଷକମାନଙ୍କ ମନ ପସନ୍ଦ ଜାଗାକୁ ବଦଳି କରାଯାଇ ଏହି ଅର୍ଥ ସଂଗ୍ରହ କରାଯାଇଛି।




କାର୍ଯ୍ୟାଳୟରେ 'ବ', 'ଭ' ନାମରେ ପରିଚିତ ଦୁଇ ବରିଷ୍ଠ କର୍ମଚାରୀଙ୍କ ମାଧ୍ୟମରେ ଏହି ଟଙ୍କାଠୁଳ କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ସଂଗୃହୀତ ପ୍ରାୟ ଦୁଇ କୋଟି ଟଙ୍କାରୁ କାହାର ଭାଗ କେତେ ତାହା ନେଇ ମଧ୍ୟ ବିଭାଗ କରିଡରରେ ବେଶ ଚର୍ଚ୍ଚା ହେଉଛି। ଅଧିକାରୀଙ୍କ ଅବସର ଆଉ ମାତ୍ର କିଛି ଦିନ ବାକି ରହିଥିବା ବେଳେ ଏଭଳି ବେଆଇନ ବଦଳି ପଛର ରହସ୍ୟ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାରୀ କିଛି ମାସ ଆଗରୁ ଏଲ୍‌ଟିଆର୍ ଶିକ୍ଷକମାନଙ୍କୁ ସୁବିଧାଜନକ ସ୍ଥାନରେ ଥଇଥାନ କରିବାକୁ ଯୋଜନାବଦ୍ଧ ଭାବେ ରୋଡ୍‌ମ୍ୟାପ ପ୍ରସ୍ତୁତ କରି ତାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିବା ଅନେକ ଅବସରପ୍ରାପ୍ତ ଶିକ୍ଷକ ଅଭିଯୋଗ କରିଛନ୍ତି। ବିବାଦୀୟ ଅଧିକାରୀ ପୂର୍ବରୁ ମଧ୍ୟ ଦୁଇ ଦୁଇ ଥର ଅନୁଗୋଳର ବିଭିନ୍ନ ପଦ ପଦବୀରେ ରହି ବଦନାମ ମୁଣ୍ଡାଇଥିବା ଅନୁଗୋଳରେ ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ କିଛି ଅନୁଗତ ଶିକ୍ଷକ ଶିକ୍ଷୟିତ୍ରୀ ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହକୁ କିଭଳି ଶୀତତାପ ନିୟନ୍ତ୍ରିତ ହଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସମ୍ପନ୍ନ ହେବ, କିଏ ଖାସି କଥା ବୁଝିବ, କିଏ ଉପହାର କଥା ବୁଝିବ ସେଥିନେଇ ଜୋରଦାର ପ୍ରସ୍ତୁତି ମଧ୍ୟ ଆଗେଇ ଚାଲିଛି। ତେବେ ଏହି ବେଆଇନ୍ ମାମଲା ପଦାକୁ ଆସିବା ପରେ ସେମାନଙ୍କ ବ୍ଲଡ ପ୍ରେସର୍ ଏବେ ବଢ଼ି ଯାଇଛି। ତେବେ ଏଥିନେଇ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

କଣିହାଁ,୧୬।୬(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ସମଲ ଥାନା ଅଞ୍ଚଳର ଗହମ ଗ୍ରାମରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଗହମ ଗ୍ରାମର ତାରା ସାହୁ(୪୮)। ସୂଚନା ଅନୁଯାୟୀ, ତାରା ସାହୁ କୌଣସି କାମରେ ଘର ବାହାରକୁ ଯାଇଥିଲେ। ଏହି ସମୟରେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହେବାରୁ ସେ ଏକ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଘଟଣାଟି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ଘରୁ ବାଇକ୍ ଚୋରି ଅଭିଯୋଗ

ବଇଣ୍ଡା,୧୬।୬(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ନକୁଳ ବେହେରାଙ୍କର ଥିବା ଏକ ବାଇକ ନମ୍ବର (ଓଆର ୧୯ ଡି ୩୫୫୫୫) ମଙ୍ଗଳବାର ସକାଳେ ତାଙ୍କ ଘରୁ ଚୋରି ହୋଇଯାଇଥିବା ତାଙ୍କ ପୁଅ ସତ୍ୟସୁନ୍ଦର ବେହେରା ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ସେ ଘରେ ବାଇକ୍ ରଖିଥିବା ବେଳେ କେହି ତାଲା ଭାଙ୍ଗି ବାଇକ୍ ଚୋରି କରି ନେଇଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କିଶୋରନଗରରେ କିଶୋରୀ ସୁଭଦ୍ରା ଦିବସ



କିଶୋରନଗର,୧୬।୬(ସମିସ): କିଶୋରନଗର ବ୍ଲକ୍ ସଭାଘର ଠାରେ ମହିଳା ଶିଶୁ ବିକାଶ ପକ୍ଷରୁ ଅଦ୍ୱିକା କିଶୋରୀ ଦିବସ ପାଳିତ ହୋଇଯାଇଛି। ସିଡିପିଓ ଭାଗ୍ୟଲତା ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାସ୍ତରରୁ ସକୁନ୍ତଳା ମହାଲିକ, ଆଠମଲ୍ଲିକ ସିଡିପିଓ ପ୍ରମୁଖ ଯୋଗଦେଇ କିଶୋରୀଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ରଜ ଦୋଳି ଓ ସେଲ୍‌ଫି ପଏଣ୍ଟ ମୁଖ୍ୟ ଆକର୍ଷଣ ଥିଲା। କିଶୋରୀ ବାଳିକାଙ୍କ ମଧ୍ୟରେ ରଙ୍ଗୋଲି, ପୁଚି, ଝୋଟି, ରଙ୍ଗୋଲି, ରଜ ମୁକୁଟ ରିଲ୍‌ସ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାରମ୍ପରିକ ରଜ ପିଠାର ଆୟୋଜନ କରାଯାଇଥିଲା। ଅସ୍ମିତା ସାହୁ, ରାଜେଶ ଦେହୁରୀ, ସଞ୍ଜୀବ ପ୍ରଧାନ, ଶ୍ରୀକାନ୍ତ, ରୁଷଭ, ରାଜେଶ୍ୱରୀ, ରେଣୁବାଳା ପ୍ରମୁଖ ସହଯୋଗ କରିଥିଲେ।

## ଜୀବେଦୟା କାର୍ଯ୍ୟକ୍ରମ ଅଧୀନରେ କମ୍ବିଂ ଅପରେସନ



ଅନୁଗୋଳ,୧୬।୬(ସମିସ): ଅନୁଗୋଳ ବନଖଣ୍ଡର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଅନୁଗୋଳ ବନଖଣ୍ଡର ସମସ୍ତ ରେଞ୍ଜରେ ସଫଳ କମ୍ବିଂ ଅପରେସନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ବନ ଅଧିକାରୀ, ଫ୍ରଣ୍ଟଲାଇନ କର୍ମଚାରୀ, ସ୍କ୍ୱାଡ୍ ସଦସ୍ୟ ଏବଂ ଗଜମିତ୍ର ଦଳର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବନ୍ୟପ୍ରାଣୀ ନିରୀକ୍ଷଣକୁ ସୁଦୃଢ଼ କରିବା ସହିତ ଶିକାର, ଚୋରା ଶିକାର, ଅବୈଧ ଦଖଲ ଏବଂ ଅବୈଧ କାଠ କଟାକୁ ରୋକିବା। ଏଥିସହ ସମଗ୍ର ଅଞ୍ଚଳରେ ସଂରକ୍ଷଣ ପ୍ରୟାସ ଏବଂ ଜୈବ ବିବିଧତା ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଥିଲା। "ଗ୍ରୀନ ୱାରିଅର୍ସ'ଙ୍କ ଅକ୍ଲାନ୍ତ ପରିଶ୍ରମ, ସତର୍କତା ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସେମାନଙ୍କର ନିଷ୍ଠା ପାଇଁ ଏହା କରାଯାଇପାରିଥିବା ମତପ୍ରକାଶ ପାଇଥିଲା।

## ଗାଁ ବଇଣ୍ଡା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୧୬।୬(ସମିସ): କିଶୋରନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ଆଜି ଗାଁ ବଇଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତା'ର ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଏସ୍ଏସ୍ଓ ଝସକେତନ ସାହୁ, ଆର୍‌ଡବ୍ଲୁଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ, ଓଏଲ୍ଏମ୍‌ର ବିପିସି ସୁଜିତ ପ୍ରଧାନ, ଏପିଓ ସୁଶାନ୍ତ ନାଏକ, ବିପିସି(ଆର ଏଚ୍) ସୌମ୍ୟରଞ୍ଜନ ପ୍ରଧାନ, ଡିଇଓ(ଆରସିଏମ୍) ସରୋଜ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ବେଣାଗାଡ଼ିଆରେ ରଜ ମହୋତ୍ସବ




ଅନୁଗୋଳ,୧୬।୬(ସମିସ): ଭଗବାନ ଶ୍ରୀ ସତ୍ୟସାଇ ସମିତି ଅନୁଗୋଳ ପକ୍ଷରୁ ସେବାଗ୍ରାମ, ବେଣାଗାଡ଼ିଆଠାରେ ପାରମ୍ପରିକ ରଜ ମହୋତ୍ସବ ଆନନ୍ଦ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ସକାଳ ୯ଟାରୁ ଯୁବ ଭାଇମାନଙ୍କ ପାଇଁ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅପରାହ୍ଣ ୩ଟାରେ ଓଁକାରମ୍, ବେଦପାଠ, ଭଜନ ଓ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଗୋଳ ସମିତିର ଆବାହକ ସଞ୍ଜୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଅଡିଓ ମାଧ୍ୟମରେ ଭଗବାନ ବାବାଙ୍କ ଦିବ୍ୟ ସମ୍ଭାଷଣ ଶ୍ରବଣ କରାଯାଇଥିଲା। ଜିଲ୍ଲା ସଭାପତି ମନୋଜ କୁମାର ପଣ୍ଡା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଗ୍ରାମର ମହିଳା ଓ କନ୍ୟାମାନଙ୍କ ପାଇଁ ଲକ୍ଷ୍ମୀ ପୁରାଣ ଗାନ, ରଙ୍ଗୋଲି, ଅଳତା ପିନ୍ଧା, ପୁଚି ଖେଳ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ଗ୍ରାମର ଯୁବକ ଓ ବାଳକମାନଙ୍କ ପାଇଁ କବାଡ଼ି ଓ ଦଉଡ଼ି ଟଣା ଭଳି କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମର କୁନି କୁନି ଝିଅମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଗୋଳ ସମିତିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ, ଜିଲ୍ଲାସ୍ତରୀୟ କର୍ମକର୍ତ୍ତା, ବେଣାଗାଡିଆ ଗ୍ରାମର ସଭାପତି କୁମର ବେହେରା, ସମ୍ପାଦକ ସୌରଭ ବେହେରା, ମହେଶ୍ୱର ସାହୁ, ଚିନ୍ମୟୀ ଦାସ ଏବଂ ସମସ୍ତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଉକ୍ତ ରଜ ମହୋତ୍ସବରେ ପ୍ରାୟ ୩୦୦ରୁ ଅଧିକ ସମସ୍ତ ବୟସ ବର୍ଗର ଲୋକେ ଯୋଗଦେଇଥିଲେ। ଗ୍ରାମର ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ରଜ ପିଠାର ବିତରଣ କରାଯାଇଥିଲା।

● ଜଳ ମାହାର ଜବରଦଖଲ

## ତହସିଲଦାରଙ୍କୁ ଫେରାଦ ହେଲେ ଗ୍ରାମବାସୀ

ଅନୁଗୋଳ,୧୬।୬(ସମିସ): କିଶୋରନଗର ତହସିଲ୍ ଧଉରାପାଳି ପଞ୍ଚାୟତର ଡିମିରିମୁଣ୍ଡା ଗ୍ରାମରୁ ବର୍ଷା ଜଳ ନିଷ୍କାସନ ପାଇଁ ଦୀର୍ଘ ବର୍ଷରୁ ବ୍ୟବହାର ହେଉଥିବା ଜଳ ମାହାରକୁ ଜଣେ ବ୍ୟକ୍ତି ଅବରୋଧ କରିଛନ୍ତି। ଫଳରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଚାଷ ଜମିରେ ଫସଲ ନଷ୍ଟ ହେଉଛି। ଏଣୁ ଜବରଦଖଲ ଉଚ୍ଛେଦ ଦାବିରେ କିଶୋରନଗର ତହସିଲଦାରଙ୍କୁ ଡିମିରିମୁଣ୍ଡା ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ରାଜା ରାଜୁଡ଼ାଅମଳରୁ ଜଳନିଷ୍କାସନ ପାଇଁ ଏକ ମାହାର ରହିଛି। ତହିଁରେ ଜଣେ ବ୍ୟକ୍ତି ଚିକେନ୍ ସେଣ୍ଟର କରିବା ସହ ମାହାରକୁ ସିମେଣ୍ଟ କାନ୍ଥ ଦେଇ ଅବରୋଧ କରିଛନ୍ତି। ଫଳରେ ବର୍ଷାଜଳ ତଳ ପାର୍ଶ୍ୱକୁ ନିଷ୍କାସନ ହୋଇପାରୁନି। ଜଳ ଜମିବା କାରଣରୁ ଫସଲ ନଷ୍ଟ ହେଉଛି ଓ ଚାଷୀ ଯନ୍ତ୍ରଣାର ସମ୍ମୁଖୀନ ହେଉଛି। ଗ୍ରାମବାସୀ ଜବରଦଖଲ ହଟାଇବାକୁ କହିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଚିକେନ୍ ବିକ୍ରି କରିବା ପରେ ଅବଶିଷ୍ଟାଂଶ ରାଜା ବନ୍ଧରେ ପକାଉଥିବାରୁ ତାହାର ଜଳ ମଧ୍ୟ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହେଉଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଜଳ ମାହାରକୁ ଲାଗି ରହିଥିବା ରାଜା ବନ୍ଧର ହୁଡ଼ାକୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ଅବରୋଧ କରିଛନ୍ତି। ଫଳରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରୁ ଆସିଥିବା କାର୍ଯ୍ୟ ହୋଇପାରୁନାହିଁ। ଏଣୁ ଜବରଦଖଲ ଉଚ୍ଛେଦ କରି ଚାଷ କାର୍ଯ୍ୟକୁ ସ୍ୱଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ହିଞ୍ଚାଗୋଳାରେ ରଜ ମହୋତ୍ସବ



କିଶୋରନଗର,୧୬।୬(ସମିସ): ହିଞ୍ଚାଗୋଳାରେ ବେଶ ଆନନ୍ଦ ଉଲ୍ଲାସରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏଠାରେ ଆଜକୁ ଏଗାର ବର୍ଷ ହେବ ରଜ ପର୍ବ ପାଳନ କରାଯାଉଛି। ଚଳିତବର୍ଷ ପୁଚି, କବାଡ଼ି, ବେଲୁନ ଫଟା, ହୁଳହୁଳି, କୁଇଜ ସହ ମ୍ୟୁଜିକ ଚେୟାର ଓ ନୃତ୍ୟ, ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ରଘୁନାଥ ରଣା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଣ୍ଡ ୱାନା ଜିଲ୍ଲା ସଭାପତି ସଦାଶିବ ନାୟକ, ଜିଲ୍ଲା ସଭାନେତ୍ରୀ ଉମା ପାତ୍ର, ପୂର୍ବତନ ବିଧାୟକ ରମେଶ ସାଏଙ୍କ ପତ୍ନୀ ଲୀନା ସାଏ, ସମାଜସେବୀ ଦୁଃଶାସନ ନାୟକ, ଧଡ଼ରପାଳ ପୁଞ୍ଜି ସଭାପତି ସତ୍ୟବାଦୀ ନାୟକ, ଶିକ୍ଷକ ସନକ ନାୟକ, ଗ୍ରାମ ସଭାପତି ଦେବାର୍ଚ୍ଚନ ନାୟକ, ମଙ୍ଗଳା ଗୁରୁ ମୋହନ ସାହୁ ଓ ଅନ୍ୟାନ୍ୟ ଅତିଥିଗଣଙ୍କୁ ରଜ ମହୋତ୍ସବର କମିଟି ମେମ୍ବର ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଉତ୍ସବ ହିଞ୍ଚାଗୋଳା ଗ୍ରାମର ରଜ ମହୋତ୍ସବ ସଭାନେତ୍ରୀ ସୁକୁମାରୀ ନାୟକ ଓ ସମ୍ପାଦିକା ସନ୍ଧ୍ୟାରାଣୀ ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଛି। ଏଥିରେ ୫ଶହରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା।

## ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି



ଅନୁଗୋଳ,୧୬।୬(ସମିସ): ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ଗଠନ ଲକ୍ଷ୍ୟରେ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଅଭିଯାନରେ ଏକ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ସେମାନଙ୍କ ସାମଗ୍ରିକ କଲ୍ୟାଣ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବିଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଏବଂ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନର ଅଧିକାରୀବୃନ୍ଦ, ସହକାରୀ ଶ୍ରମ ଅଧିକାରୀଗଣ, ଶ୍ରମ ବିଭାଗର କର୍ମଚାରୀ ଏବଂ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ରାଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ପୁରୁଣା ଅଫିସ୍ ପରିସରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ମାର୍କେଟ୍ ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର



କାମାକ୍ଷାନଗର,୧୬।୬(ସମିସ): କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତଃ ଗ୍ରାମ ସମସ୍ୟା, ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟ ଜନିତ ସମସ୍ୟା, ବ୍ୟକ୍ତିଗତ ସମସ୍ୟା ଆଦି ଅଭିଯୋଗ ଆସିଥିଲା। ଶ୍ରୀ ସେଠୀ ତୁରନ୍ତ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମୁଦାୟ ୨୯ଟି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଘଟଣା ସ୍ଥଳରେ ୨ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଏହି ଶୁଣାଣିରେ କାମାକ୍ଷାନଗର ଉପ ଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିତ୍ତରଞ୍ଜନ ବେହେରା, ବ୍ଲକ୍ ଅଧ୍ୟକ୍ଷା ଚାରୁଲତା ମିଶ୍ର, ତହସିଲଦାର ସୌଦାମିନୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଟୁଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ନରହରି ବେହେରା, ଯୋଗାଣ ଅଧିକାରୀ ମୋନାଲିସା ଜେନା, କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ସିଡିପିଓ ଜୟନ୍ତୀ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ସାମନ୍ତରାୟଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ଅସରାଏ ବର୍ଷାରେ ବେହାଲ ବାଇପାସ୍

ତାଳଚେର,୧୬।୬(ସମିସ)

### ପ୍ରଶାସନର ଭାଙ୍ଗୁନି କୁମ୍ଭକର୍ଣ୍ଣ ନିଦ୍ରା



ତାଳଚେର ସହରରେ ଅସରାଏ ବର୍ଷା ହେବା ଫଳରେ ବାଇପାସ୍ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି। ଆଜି ଦିନ ୩ ଟା ସମୟରେ କଳାବାଦଲ ସହ ଅସରାଏ ବର୍ଷାରେ ତାଳଚେର ବାଇପାସ୍ ରାସ୍ତାର ଉଭୟ ପାଶ୍ୱର୍ରେ ବର୍ଷାଜଳ ଲହଡ଼ି ମାରିଥିଲା। ବାଇପାସ୍ ରାସ୍ତାର ଉଭୟପାଶ୍ୱର୍ରେ ବର୍ଷାପାଣି ସହିତ ଡ୍ରେନ୍ ଜାମ ହେବା ଫଳରେ ଆବର୍ଜନା ପାଣି ରାସ୍ତା ଉପରେ ଜମି ରହିବାରୁ ପଥଚାରୀ ତଥା ଗାଡ଼ି ଚାଳକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ରହିଥିବା ୟୁକୋବ୍ୟାଙ୍କ ସମ୍ମୁଖ ରାସ୍ତା ହାଲୁକା ବର୍ଷା ହେଲେ କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ଫଳରେ ଅଞ୍ଚଳବାସୀ, ପଥଚାରୀ ଓ ନିକଟସ୍ଥ ମାର୍କେଟ ବ୍ୟବସାୟୀମାନେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରାୟ ସମୟରେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ତେବେ ପୌରପରିଷଦ ପକ୍ଷରୁ ମୋଟା ଅଙ୍କର ଟିକସ ଆଦାୟ କରାଯାଉଥିବାବେଳେ ଏହି ସମସ୍ୟା ପ୍ରତି କେହି ଧ୍ୟାନ ନଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ପରିମଳ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏହି ଟଙ୍କା କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏଠି ଲୋକପ୍ରତିନିଧି ନା ପ୍ରଶାସନ କେହି ହେଲେ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉନଥିବା ତାଳଚେର ପାଇଁ ଏକ ଅଭିଶପ୍ତ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



ଅନୁଗୋଳ,୧୬।୬ (ସମିସ): ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ୍, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବାଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ



ବାଲିକୁଦା,୧୬।୬(ସମିସ): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ଗଣ୍ଡକୁଳ ଗ୍ରାମର ଖଣ୍ଡଗିରି ଗାଦୀବ୍ରହ୍ମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଷଷ୍ଠ ବାର୍ଷିକ ରଜ ମହତ୍ସବ ପାଳନ କରାଯାଇଛି। ଅନୁଷ୍ଠାନର ସଭାପତି ମିହିର ବିଶ୍ୱାଳଙ୍କ ସଭାପତିତ୍ୱରେ ଗ୍ରାମର ଦେବୀ ନଦୀ ତଟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶୈଳବାଳା ମହିଳା ଡିଗ୍ରୀ କଲେଜ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ତଟିନା ସ୍ୱାଇଁ, ବାଲିକୁଦା କଲେଜର ଓଡ଼ିଆ ବିଭାଗ ଅଧ୍ୟାପିକା ଦୁର୍ଗେଶନନ୍ଦିନୀ ସ୍ୱାଇଁ, ନହରଣା ସରପଞ୍ଚ ଅରୁଣ କୁମାର ବେହେରା, ସମିତିସଭ୍ୟା କସ୍ତୁରୀ କାଣ୍ଡି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିଙ୍କ ମଞ୍ଚ ଆମନ୍ତ୍ରଣ ରୁଦ୍ରନାରାୟଣ ପ୍ରଧାନ କରିଥିବା ବେଳେ ସ୍ୱାଗତ ଭାଷଣ ଗ୍ରାମ୍ୟ କମିଟି ସଭାପତି ତଥା ଯୁଗ୍ମ ସଚିବ ଗୃହ ବିଭାଗ ପୁଷ୍କର ବିଶ୍ୱାଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ ଅନିତ୍ୟ ଜେନା ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ କୃଷ୍ଣଚନ୍ଦ୍ର ସେଠ ପାଠ କରିଥିଲେ। ଏହି ଅବସରରେ ଗ୍ରାମର କିଶୋରୀମାନଙ୍କ ପାଇଁ ଆୟୋଜନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା କିଶୋରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ ଚନ୍ଦ୍ରକାନ୍ତ ଜେନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅନୁଷ୍ଠାନର ସଦସ୍ୟ ସହ ସମ୍ପାଦକ, କିସାନ ସେଠ, ଶିବ ସ୍ୱାଇଁ, ରାକେଶ ନାୟକ, ଚନ୍ଦନ ଜେନା, ଜିତୁନ ଜେନା, ମିଥୁନ ଜେନା, ବାନାମ୍ବର ଜେନା, ସୁନାକର ଜେନା, ହାପି ବିଶ୍ୱାଳ, ଦିନୁ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଓ ସମସ୍ତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

# ବରଦିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବାଲିକୁଦା,୧୬।୬(ସମିସ): ବାବା ଗ୍ରାମେଶ୍ୱର କ୍ରିକେଟ କ୍ଲବ ବରଦିଆ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ବାର୍ଷିକ ବରଦିଆ ପ୍ରିମିୟର ଲିଗ୍ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭି ଲାୟନ୍ସ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବିଜିସିସି ବ୍ଲାଷ୍ଟର ନିର୍ଦ୍ଧାରିତ ୮ ଓଭରରେ ୮ ୱିକେଟ ହରାଇ ୪୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଭି ଲାୟନ୍ସ ଚାମ୍ପିଅନ ହୋଇଥିଲା। ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ସତ୍ୟଜିତ ରାଉତ ଓ ସମ୍ବିତ ମିଶ୍ର ନିର୍ବାହ କରିଥିବା ବେଳେ ସ୍କୋରିଂରେ ପିଣ୍ଟୁ ମହାନ୍ତି ଓ ସୋହମ ରାଉତ ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚର ଧାରା ବିବରଣୀ ଟୁଟୁ ମାଦେଳି ଓ ଈଶାନ ମହାନ୍ତି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଏହାର ମାଲିକାନା କାର୍ତ୍ତିକ ପରିଡା, ମୋହନ ମିଶ୍ର, ରଶ୍ମି ରାଉତ ଓ ନିତ୍ୟାନନ୍ଦ ପରିଡାଙ୍କ ନାମରେ ରହିଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ତଟିନା ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରାଜୁ ମିଶ୍ର ଯୋଗ ଦେଇଥିଲେ। ମ୍ୟାଚରେ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଭାବେ ଶିବ ମହାରଣା, ଶ୍ରେଷ୍ଠ ବୋଲର ଭାବେ ଆଶିଷ ବିଶ୍ୱାଳ, ମ୍ୟାନ ଅଫ ଦି ମ୍ୟାଚ ପିକୁନ ମାଦେଳି, ମ୍ୟାନ ଅଫ ଦି ସିରିଜ ଲିକୁଲ ରାଉତ ଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ଭାବେ ଈଶାନ ମହାନ୍ତି, ରୁଦ୍ର ପ୍ରସାଦ ମିଶ୍ର, ଦେବା ପରିଡା ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଗ୍ରାମେଶ୍ୱର କ୍ରିକେଟ କ୍ଲବ ବରଦିଆର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

# ଆଇନ ସେବା ପ୍ରାଧିକରଣ ଦ୍ୱାରା ଶିଶୁ ଶ୍ରମିକ ବିରୋଧି ଦିବସ



ଜଗତସିଂହପୁର,୧୬।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଭୂପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅଦାଲତ, ଜଗତସିଂହପୁରର ସଭା ଗୃହ ଠାରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଆଇନଗତ ସାକ୍ଷରତା କ୍ଲବର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଉପହାର ସ୍ୱରୂପ ଚିତ୍ରାଙ୍କନ ନିମନ୍ତେ ଏକ ରଙ୍ଗ ବାକ୍ସ ଉପସ୍ଥିତ ଥିବା ବିଚାରପତି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ କପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ ବିଭୂପ୍ରସାଦ ପଣ୍ଡା ଅଧକ୍ଷ୍ୟତା କରିଥିଲେ ଓ ନିଜର ବକ୍ତବ୍ୟରେ କହିଥିଲେ ଯେ, ଛୋଟ ଛୋଟ ପିଲାମାନଙ୍କୁ ବିଭିନ୍ନ ଶ୍ରମ କାର୍ଯ୍ୟରେ ନିୟୋଜିତ ନ କରି ସେମାନଙ୍କ ବୌଦ୍ଧିକ ବିକାଶ କରିବାପାଇ ଏହି ଭଳି ପ୍ରତିଯୋଗିତା ମଧ୍ୟ କରିବା ଆବଶ୍ୟକ। ସବ ଜଜ ରାକେଶ କୁମାର ମୁଦୁଲି ନିଜ ଅଭିଭାଷଣରେ ପିଲା ମାନଙ୍କୁ ଶ୍ରମ କାର୍ଯ୍ୟରେ ନୋୟୋଜିତ ନ କରି ଯୁଗୋପଯୋଗୀ ଜ୍ଞାନ ଦେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳାଇ, ସିଜେଏମ୍ ନରୋତ୍ତମ ସେଠୀ, ଜେଏମଏଫସି (ଏଲଆରଏଲଟିଭି.) ଅଙ୍କିତ ଦେୱାଙ୍ଗନ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବୀ ନଦୀ ଆଳତି ଓ ବରୁଣ ପୂଜନ

ବାଲିକୁଦା,୧୬।୬(ସମିସ)



ମାଛଗାଁ ଶ୍ରୀରାମ ଚରିତ ମାନସ ସେବା ସଂସ୍ଥା ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଦେବୀ ନଦୀ ଆଳତି ଓ ବରୁଣ ପୂଜନ କାର୍ଯ୍ୟକ୍ରମ ମାଛଗାଁ ସ୍ଥିତ ଦେବୀ ଘାଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ବାସୁଦେବ ଗାଦୀଙ୍କ ପୀଠରୁ ହରିନାମ ମହାମନ୍ତ୍ର ସଂକୀର୍ତ୍ତନ ଜରିଆରେ ୧୨ଟି କଳସ କ୍ଷୀର, ଦଧି, ପଇଡ଼ ପାଣି, ହଳଦୀ ପାଣି, ସର୍ବୌଷଧୀ ଜଳରେ ପୂର୍ଣ୍ଣ କଳସ ଧରି ଶତାଧିକ ଜନସାଧାରଣ ଦେବୀ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପୂଜକ ନବ କୁମାର ମିଶ୍ର ଓ ସୁବାସ ଚନ୍ଦ୍ର ଦାଶ ବେଦ ପାଠ ଓ ମନ୍ତ୍ର ଉଚ୍ଚାରଣ ଜରିଆରେ ପୂଜାର୍ଚ୍ଚନା କରି ନଦୀକୁ ସମର୍ପଣ କରିବାସହ ଦେବୀ ମା'ଙ୍କ ଉଦ୍ଦେଶ୍ୟରେ ବସ୍ତ୍ର ପ୍ରଦାନ କରିଥିଲେ। କର୍ତ୍ତା ଓ କର୍ତ୍ତୀ ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ପୁଷ୍ପଲତା ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜା କାର୍ଯ୍ୟରେ ରଣଜିତ ରାଉତ ଓ ସନ୍ଧ୍ୟାରାଣୀ ରାଉତ ସହଯୋଗ କରିଥିଲେ। ସୂଚନା ଅନୁଯାୟୀ ଅନୁଷ୍ଠାନ ପକ୍ଷରୁ ଏହି ପୂଜା କରିବାର ଉଦ୍ଦେଶ୍ୟ ପ୍ରତ୍ୟକ ବର୍ଷ ଏହି ଦେବୀ ଘାଟରେ ଅଘଟଣ ଘଟି ଅନେକ ନିରୀହ ଜୀବନ ଦେବୀ ନଦୀରେ ବୁଡି ଯାଉଛି।

ଏହି ଅଘଟଣକୁ ଦୂର କରିବା ପାଇଁ ମା'ଙ୍କ ପୂଜାର୍ଚ୍ଚନା କଲେ ଏହା ମା'ଙ୍କ କୃପାରୁ ଏହା ସମ୍ଭବ ହେବ ହେବ ବୋଲି ଅଞ୍ଚଳବାସୀଙ୍କ ଆଶା ରହିଛି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଅନୁଷ୍ଠାନର ସଭାପତି ଅରୁଣ କୁମାର ମହାନ୍ତି, ଅକ୍ଷୟ ମହାନ୍ତି, ସନ୍ତୋଷ ସ୍ୱାଇଁ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠି, ଉଲ୍ଲାସ ବିଶ୍ୱାଳ, ବୁଲୁ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନରି ଦାସ, ଜୟରାମ ସାହୁ, ସିଲୁ ରାଉତ, ଜ୍ଞାନ ରଞ୍ଜନ ସ୍ୱାଇଁ, କୈଳାଶ ପାଳ, ଗୋପ ସ୍ୱାଇଁ, ଭ୍ରମରବର ମହାନ୍ତି, ସୁଦର୍ଶନ ସ୍ୱାଇଁ, ଅନାଦି ମହାନ୍ତି, ବିକାଶ ମହାନ୍ତି, ପତ୍ତୁ ରାଉତ, ଅଜୟ ସେଠି, ରବୀନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

## ସମାଗୋଳରେ ସ୍ମୃତି ସଭା ଓ କବିତା ପାଠ

କୁଜଙ୍ଗ,୧୬।୬(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ଗ୍ରାମର ସଂସ୍କୃତ ବିଦ୍ୱାନ ଅଭିରାମ ମହାନ୍ତିଙ୍କ ଧର୍ମପତ୍ନୀ କଲ୍ୟାଣୀ ମହାନ୍ତିଙ୍କ ଦ୍ୱାଦଶାହରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ ଏହି ସ୍ମୃତି ସଭାରେ ଶିକ୍ଷାବିତ୍ ନବୀନ କୁମାର ପ୍ରଧାନ, କବି ଶଙ୍କର ଚରଣ ଦାସ, ବିଶିଷ୍ଟ ବ୍ୟବସାୟୀ ଧିରେନ୍ଦ୍ର କୁମାର ସାହୁ, ବିଜେଡି ବ୍ଲକ ସଭାପତି ମନିନ୍ଦ୍ର ଗୁରୁ, ପ୍ରାକ୍ତନ ସରପଞ୍ଚ ନନ୍ଦିନୀ ପଣ୍ଡା, ବିଜୟ ଖଟେଇ, ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ବିଚିତ୍ରାନନ୍ଦ ମହାନ୍ତି, ଗୁରୁ ପ୍ରସାଦ ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ଅରୂପ ପ୍ରସାଦ ମହାନ୍ତି, ବିଭୂତି ଭୂଷଣ ଶ୍ରୀଚନ୍ଦନ, ଭକ୍ତିଲତା, ନିବେଦିତା, ସ୍ନେହଲତା, ପ୍ରଗତି, ସରସ୍ୱତୀ, ମୋନାଲିସା, କଣ୍ଢେଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିରାମ ମିହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ନିର୍ଯାତନା ନିରୋଧ ସଚେତନତା ଦିବସ

ଜଗତସିଂହପୁର,୧୬।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଭୂପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅଦାଲତ, ଜଗତସିଂହପୁରର ସଭାଗୃହ ଠାରେ ଦିବା ପାଞ୍ଚ ଘଣ୍ଟିକା ସମୟରେ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାଜଜ ବିଭୂପ୍ରସାଦ ପଣ୍ଡା ଅଧକ୍ଷତା କରିଥିଲେ ଏବଂ ବୟସ୍କମାନେ କିପରି ସାଇବର କ୍ରାଇମର ସ୍ୱୀକାର ହେଉଛନ୍ତି ସେ ବିଷୟରେ ସଚେତନ କରିଥିଲେ। ସାଇବର ବିଶେଷଜ୍ଞ ପ୍ରାଞ୍ଜଳ ଭାବରେ ବର୍ତ୍ତମାନ ହେଉଥିବା ସାଇବର ଠକେଇ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସଭାପରିଚାଳନା କରିଥିଲେ ଏବଂ ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳାଇ, ସିଜେଏମ ନରୋତ୍ତମ ସେଠୀ, ସବଜଜ ରାକେଶ କୁମାର ମୁଦୁଲି, ଜେଏମଏଫସି (ଏଲଆର୍‌ଏଲଟିଭି) ଅଙ୍କିତ ଦେୱାଙ୍ଗନ ଉପସ୍ଥିତ ଥିଲେ। ସାଇବର ଠକେଇରୁ ସୁରକ୍ଷିତ ରହିବାକୁ ହେଲେ ନିଜେ ସଚେତନ ରହିବା ଦରକାର ବୋଲି ବିଚାରପତିମାନେ ମତପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଧନ୍ୟବାଦ ପ୍ରଦାନ କରି ସଭା ଉଦ୍‌ଯାପନ କରାଗଲା।

## କଣ୍ଟୁଣିଆ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ନାଉଗାଁ,୧୬।୬(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ସ୍ଥିତ କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ବିଦ୍ୟାଳୟର ୧୯୯୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାନସ କୁମାର ସ୍ୱାଇଁ, ରିତେଶ ପାଳ, ନିହାରିକା ସାହାଣୀ, ଲିପୁ ସ୍ୱାଇଁ, ପ୍ରମେଦ ସାହୁ, ଅନିଲ ମଲିକ୍, ଦେବାଶିଷ ରାଉତରାୟ, ଶିଶିର ସ୍ୱାଇଁ, ସୌମ୍ୟ ରାଉତରାୟ ଓ ଦୀପକ ସାହୁଙ୍କ ନେତୃତ୍ୱରେ ଏଥିରେ ବହୁ ପୁରାତମ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଥମେ ଅବସରପ୍ରାପ୍ତ ଗୁରୁ କମଳାକାନ୍ତ ସାହୁ, ପ୍ରମୋଦ କୁମାର ବାରିକ, ଦାମେଦର ଭୋଳ, ସାଧୁ ଚରଣ ଲେଙ୍କା, କୁଞ୍ଜବିହାରୀ ସାହୁ, ସରୋଜ କୁମାର ମହାନ୍ତି ଓ ରାମ କୁମାର ମୁଦୁଲିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କ ଠାରୁ କିଛି ପାଣ୍ଠି ସଂଗ୍ରହ କରାଯାଇ ବିଦ୍ୟାଳୟକୁ ପ୍ରଦାନ କରାଯିବାକୁ ମତ ପ୍ରକାଶ ପାଇଥିଲା।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୬।୬(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି।

ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ପୁଲିସ ସହାୟତା ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି



ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ଜଗତସିଂହପୁର ସନ୍ଦିପ ସିଂ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

**ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ**

# ମହିଳା ଆହତ; ଯୁବକ ଗିରଫ



ନାଉଗାଁ,୧୬।୬(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦସ୍ଥିତ କୋରଣିଆ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଜଣେ ମହିଳାଙ୍କୁ ଆହତ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଉକ୍ତ ଗ୍ରାମର ଦେବପ୍ରସାଦ ମହାନ୍ତି ଓ ରାନୁବାଳା ପ୍ରଧାନଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ଗଣ୍ଡଗୋଳରେ ଦେବପ୍ରସାଦ ଏକ କଟୁରି ଯୋଗେ ରାନୁବାଳା ଓ ତାଙ୍କ ଝିଅ ହାତକୁ ହାଣିଦେଇଥିଲେ। ଫଳରେ ଉଭୟ ରାନୁବାଳା ତାଙ୍କ ଝିଅ ହାତରେ ଗଭୀର କ୍ଷତ ସୃଷ୍ଟି ହେବାସହ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେବାରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଏହି ଘଟଣାରେ ରାନୁବାଳା ନାଉଗାଁ ଥାନାରେ ଏତଲା ଦେବା ପରେ ନାଉଗାଁ ପୁଲିସ ଦେବପ୍ରସାଦକୁ ଗିରଫ କରିଥିବା ବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

# ରଜ ପର୍ବ ଅବସରରେ ବୃକ୍ଷ ବଣ୍ଟନ

ଜଗତସିଂହପୁର,୧୬।୬(ସମିସ): ରଜ ଉତ୍ସବ ଅବସରରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମା' ବୁଢ଼ୀ ତରଡେଇ ଚାରିଟେବଲ ଟ୍ରଷ୍ଟ ଜାହାନପୁର, ଜିଲ୍ଲା ଜୁନିଅର ରେଡ୍‌କ୍ରସ ସଂଗଠନ ଓ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଙ୍ଘ, ଜଗତସିଂହପୁର ର ମିଳିତ ଆନୁକୂଲ୍ୟରେ ଜାହାନପୁରରେ ଘରେ ଘରେ ବୃକ୍ଷ ବଣ୍ଟନ କରାଯାଇଛି। ଏହି ମହତ କାର୍ଯ୍ୟକ୍ରମକୁ ଡାକ୍ତର ନିହାର ରଞ୍ଜନ ଓ ଇଞ୍ଜିନିଅର ଭକ୍ତପ୍ରସାଦଙ୍କ ଆର୍ଥିକ ଅବଦାନରେ ସମ୍ପାଦନ ହୋଇଥିଲା। ପ୍ରାରମ୍ଭରେ ଏକ "ଅଁଳା'ବୃକ୍ଷକୁ ମନ୍ଦିର ପୂଜକ କୁମୁଲି ନନାଙ୍କ ଦ୍ୱାରା ପୂଜା କରାଯାଇ ମନ୍ଦିର ପ୍ରାଙ୍ଗଣରେ ଲଗାଯାଇଥିଲା। ତା'ପରେ ଉକ୍ତ ଗ୍ରାମରେ ଘରେ ଘରେ ବୁଲି ପ୍ରତି ଘରକୁ ଗୋଟିଏ କରି ଗଛ ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପଦେଷ୍ଟା ବରଦା ପ୍ରସନ ରାମ, ଟ୍ରଷ୍ଟି ବୀରବର ଭୋଇ, ଚେୟାର ପର୍ଶନ ପ୍ରଭାତ ଦାସ, କୈଳାଶ ଚନ୍ଦ୍ର ରାମ, ତ୍ରିନାଥ ରାମ, ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ଜିଲ୍ଲା ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ଜିଲ୍ଲା ଅମଲା ସଙ୍ଘ ସମ୍ପାଦକ ସୁରେଶ ଚନ୍ଦ୍ର ପରିଜା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ବିଜୟ କୁମାର ରଥ, ଅତୁଲ ବିକ୍ରମ ପ୍ରଧାନ, ଈଶ୍ୱର ଚନ୍ଦ୍ର ନନ୍ଦ, ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ପ୍ରେରଣାଦାୟୀ ବକ୍ତା ସରୋଜିନୀ ରଥ ଓ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ଏହି ମହାନ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।



# କୋଲଡିଆରେ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ପାରାଦୀପ,୧୬।୬(ସମିସ)



ରଜ ପର୍ବ ଅବସରରେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ପଞ୍ଚାୟତର କୋଲଡିଆ ଗ୍ରାମର ମହାବୀର ଖେଳ ପଡ଼ିଆରେ ଏକ ଆକର୍ଷଣୀୟ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଇପିଏଲ୍ ଢାଞ୍ଚାରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଇପିଏଲ୍ ଶୈଳୀରେ ଖେଳାଳିଙ୍କୁ ନିଲାମ କରାଯାଇ ମ୍ୟାଚ୍ ଆୟୋଜନ କରାଯାଇଥିଲା। ରଜ ଉତ୍ସବକୁ ଆହୁରି ଉତ୍ସାହମୟ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗ୍ରାମର ବରିଷ୍ଠ କ୍ରିକେଟ୍ ଖେଳାଳିଙ୍କଠାରୁ ଆରମ୍ଭ କରି ଜୁନିଅର ଖେଳାଳିମାନେ ଭାଗ ନେଇଥିଲେ। ମୋଟ ୮ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚରେ କେକେଆର୍ ନାଇଟ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆର୍‌ସିକେ ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ଟି ୱିକେଟ୍ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ କେକେଆର୍ ନାଇଟ୍ ଦଳର ସତ୍ୟଶିବ ପରିଡା ଓ ସୁବ୍ରତ ପରିଡାଙ୍କ ଆକର୍ଷଣୀୟ ଏବଂ ଆକ୍ରମଣାତ୍ମକ ବ୍ୟାଟିଂ ବଳରେ ମାତ୍ର ୬ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିଅନ୍ ହୋଇଥିଲା। ଫାଇନାଲ୍ ମ୍ୟାଚରେ ୨୫ ବଲରୁ ୫୩ ରନ୍ ସଂଗ୍ରହ କରି ସତ୍ୟଶିବ ପରିଡା "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିବା ବେଳେ ସ୍ୱାଧୀନ ସାହୁ "ବେଷ୍ଟ ବୋଲର୍' ପୁରସ୍କାର ହାସଲ କରିଥିଲେ। ପ୍ରତିଯୋଗିତାରେ ଜଗନ୍ନାଥ ପଣ୍ଡା ଓ ରାଜେନ୍ଦ୍ର ବେହେରା ଅମ୍ପାୟାର୍ ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ରାଜକିଶୋର ପତି ଓ ନୀଳାଦ୍ରି ମହାନ୍ତି ଯୋଗଦେଇ ବିଜେତା ଓ ଉପବିଜେତା ଦଳ ସହିତ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମାଗୁରଥ ସାମଲ ଓ ବିଶ୍ୱଜିତ ଦାସ ଉପସ୍ଥିତ ଥିଲେ। ମହାବୀର କ୍ଲବର ସମସ୍ତ ଯୁବକଙ୍କ ମିଳିତ ଉଦ୍ୟମରେ ଏହି ସଫଳ ଆୟୋଜନ ସମ୍ଭବ ହୋଇଥିବାବେଳେ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

## ରଜ ସଜବାଜରେ ଦୁର୍ଘଟଣା; ଶେଷ ରଜରେ ମୃତ୍ୟୁ

ବାଲିକୁଦା, ୧୬।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଥାଇଲ କଣିଆ ରାସ୍ତା ନବାଙ୍ଗ ଛକ ନିକଟରେ ଗତ ୧୩ ତାରିଖ ସଜବାଜ ଦିବସରେ ଦିବ୍ୟଜ୍ୟୋତି ସାହୁ (୨୨)ଙ୍କ ଦୁର୍ଘଟଣା ଘଟିଥିଲା। ସେ ନିଜ ଘର ନବାଙ୍ଗ ଘରୁ ବାହାରି କଣିଆ ଅଭିମୁଖେ ଯାଉଥିବା ବେଳେ କଣିଆ ପଟୁ ଥାଇଲ ଯାଉଥିବା ଜଣେ ଯୁବକ ସିଧାସଳଖ ଦିବ୍ୟଜ୍ୟୋତିଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଅତି ଗୁରୁତର ଆହତ ହୋଇଥିଲେ ଦିବ୍ୟଜ୍ୟୋତି। ପ୍ରଥମେ ଜଗତସିଂହପୁର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ଶେଷ ରଜରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ହୋଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି।

■ ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ

# କୁକୁର କାମୁଡ଼ାରେ ହରିଣ ଗୁରୁତର



ପାରାଦୀପ,୧୬।୬(ସମିସ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଆଜି ରାତି ପାଖାପାଖି ୮ ହେବ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା ସିଡି-୧୧ପ୍ଲଟ ପାଖରେ ଏକ ହରିଣକୁ କୁକୁର କାମୁଡି ପକାଇ ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏପରିକି ହରିଣଟିର ପଛ ଫରିଆକୁ ପୂରା କାମୁଡି ରକ୍ତାକ୍ତ କରି ଦେଇଛନ୍ତି। ତେବେ ଖବର ପାଇ ସଙ୍ଗେ ସଙ୍ଗେ ସିଆଇଏସ୍‌ଏଫର କର୍ମଚାରୀମାନେ କୁଜଙ୍ଗ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ପକ୍ଷରୁ ହରିଣଟିକୁ ଉଦ୍ଧାର କରାଯାଇ ଚିକିତ୍ସିତ କରାଇଥିଲେ। ହରିଣଟିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ହରିଣଟି କିଭଳି ପରିସ୍ଥିତିରେ ଏଠାକୁ ଆସିଲା, କେଉଁଠୁ ଆସିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଏହିଭଳି ବହୁ ସମୟରେ ହରିଣ ନିଷିଦ୍ଧାଞ୍ଚଳ ମଧ୍ୟରୁ ବାହାରୁଛନ୍ତି। ତେବେ ସେମାନେ କେଉଁଠୁ ଆସୁଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରନ୍ଧନ ଗ୍ୟାସ ସଙ୍କଟ, ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଡିଲର

# ବୁକିଂର ୧୦ ଦିନ ପରେ ବି ମିଳୁନି ସିଲିଣ୍ଡର

**ହିନ୍ଦୋଳ, ୧୬।୬ (ସମିସ) :** ସରକାର କହୁଛନ୍ତି ରନ୍ଧନ ଗ୍ୟାସର ସମସ୍ୟା ନାହିଁ। କମ୍ପାନୀ କହୁଛି ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ ମହଜୁଦ ଅଛି। ମାତ୍ର ବାସ୍ତବ ସ୍ଥିତି ଭିନ୍ନ। ହିନ୍ଦୋଳ ଉପଖଣ୍ଡରେ ଥିବା ବିଭିନ୍ନ ଗ୍ୟାସ ଏଜେନସି ଗୁଡିକରେ ଏବେ ଅଭାବୀ ଗ୍ୟାସ ଲାଗିରହିଛି। ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଏଜେନସି ପାଖରେ ଗ୍ୟାସ ନାହିଁ ଏଥିରୁ କିଏ ସତ କହୁଛି ସ୍ପଷ୍ଟ ଜଣାପଡୁନାହିଁ। ଏପରିକି ଉପଖଣ୍ଡରେ ବୁକିଂ ସହ ଉପଭୋକ୍ତାଙ୍କ ପାଖକୁ ଓଟିପି ଆସିବାର ୧୦ ଦିନ ପର୍ଯ୍ୟନ୍ତ ଉପଭୋକ୍ତାଙ୍କୁ ଗ୍ୟାସ ମିଳିପାରୁନାହିଁ। ଏଣେ ଗ୍ୟାସ ଏଜେନସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଫୋନ କଲେ ଉଠାଉନାହାନ୍ତି । ୪୫ ଦିନରେ ଉପଭୋକ୍ତାଙ୍କୁ ମିଳିବ ଗୋଟିଏ ଗ୍ୟାସ ପୁଣି ୪୫ ଦିନ ପରେ ବୁକିଂ କରିବାର ୨ ଦିନ ପରେ ଓଟିପି



ଆସିଲେ ମଧ୍ୟ ଗ୍ୟାସ ଟିଏ ପାଇଲା ବେଳକୁ ୫୫ ଦିନ ହୋଇଯାଉଛି। ଗ୍ରାମାଞ୍ଚଳର ଗୋଟିଏ ପରିବାର ପାଇଁ ସର୍ବ ନିମ୍ନ ଗୋଟିଏ ମାସ ରେ ଗୋଟିଏ ଗ୍ୟାସ ମିଳିଲେ ଉପଭୋକ୍ତା କଷ୍ଟେ ମଷ୍ଟେ ଚଳି ପାରିବେ। ଗ୍ରାମାଞ୍ଚଳର କିଛିଲୋକ କାଠ ଉପରେ ନିର୍ଭର କରିଆସୁଥିବା ବେଳେ ଏବେ ହିନ୍ଦୋଳ ଉପଖଣ୍ଡରେ ଚାଲିଛି ହାତୀ ଭୟ । ହାତୀଭୟରେ ଗ୍ରାମାଞ୍ଚଳ ର ଲୋକ ଶୁଖିଲା କାଠ ଖଣ୍ଡେ ପାଇଁ ଜଙ୍ଗଲ ଭିତରକୁ ଯିବା ପାଇଁ ସାହସ କରିପାରୁ ନାହାନ୍ତି। ହିନ୍ଦୋଳ ଉପଖଣ୍ଡ ରେ ଅଧିକାଂଶ ଗ୍ୟାସ ଏଜେନସି କଳାବଜାରରେ ମାତିଥିବା ଅଭିଯୋଗ ହେଉଛି। ଏଣେ ଉପଖଣ୍ଡର ବିଭିନ୍ନ ଦୋକାନରେ ବାଣିଜ୍ୟିକ ଗ୍ୟାସ ବଦଳରେ ଖୋଲମ ଖୋଲା ଘରୋଇ ଗ୍ୟାସ ବ୍ୟବହାର କରାଯାଉଛି। ବାଣିଜ୍ୟିକ ଗ୍ୟାସ କୋଟା ହ୍ରାସ ପାଇଥିବାରୁ ଓ ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଘରୋଇ ଗ୍ୟାସ ସିଲିଣ୍ଡର କଳାବଜାରୀରେ ଗ୍ୟାସ ସିଲିଣ୍ଡର ପିଛା ୫ଶହ ଅଧିକ ମୂଲ୍ୟ ଦେଇ ଏଜେନସି ମାଲିକ ମାନଙ୍କ ଠାରୁ କ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏଣେ ଗ୍ୟାସ ଏଜେନସି ଆଗରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ସାଧାରଣ ଲୋକ ସକାଳୁ ସକାଳୁ କାମ ଛାଡି ଏଲପିଜି ସିଲିଣ୍ଡର ପାଇଁ ଏଜେନସି ସମ୍ମୁଖରେ ଧାଡିରେ ଛିଡା ହେଉଥିବା ଦେଖିବାକୁମିଳୁଛି। ଏପରିକି ବୁକିଂ ର ୧୫ ଦିନ ପରେ ମଧ୍ୟ ଗ୍ରାହକଙ୍କୁ ସିଲିଣ୍ଡର ଟିଏ ମିଳିପାରୁନାହିଁ। ସରକାର ନୁଆ ନିୟମ ଅନୁସାରେ ଏଲପିଜି ସିଲିଣ୍ଡର ବୁକିଂ ଅବଧି ସହରାଞ୍ଚଳରେ ୨୧ ଦିନ ରୁ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନକୁ ବୃଦ୍ଧି କରିଛନ୍ତି। ହିନ୍ଦୋଳ ଉପଖଣ୍ଡରେ ୪୫ ଦିନ ପରେ ଗ୍ୟାସ ଟିଏ ବୁକିଂ କରିବାର ୧୦ ଦିନ ପରେ ଗ୍ୟାସଟିଏ ମିଳୁଛି । ଗୋଟିଏ ମାସ ପରେ ଗ୍ୟାସ ସରି ଯାଉଥିବା ବେଳେ ଆଉ ୨୫ ଦିନ ଚାଲିବା ପାଇଁ ଗ୍ରାମାଞ୍ଚଳର ଅଧିବାସୀ ନାହିଁ ନଥିବା ହୀନସ୍ଥା ହେଉଥିବା ଦେଖିବାକୁମିଳୁଛି । ମାତ୍ର ଗ୍ରାହକ ମାନଙ୍କୁ ଶୋଷଣ କରୁଥିବା ଓ କଳାବଜାର ରେ ଗ୍ୟାସ ବିକ୍ରି କରୁଥିବା କୌଣସି ଗୋଟିଏ ବି ଏଜେନସି ବିରୁଦ୍ଧରେ ତଦନ୍ତ ନହେବା ଓ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାର ଦୃଷ୍ଟାନ୍ତ ନାହିଁ। ତୁରନ୍ତ ହିନ୍ଦୋଳ ଉପଖଣ୍ଡ ଗ୍ରାମାଞ୍ଚଳରେ ଥିବା ହିତାଧିକାରୀଙ୍କୁ ମାସକୁ ଗୋଟିଏ ଗ୍ୟାସ ଦେବା ସହିତ କଳାବଜାରୀରେ ଲିପ୍ତ ଥିବା ଏଜେନସି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବନବିଭାଗ ବୋଲେରୋ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ୪କର୍ମଚାରୀ

**ଖଜୁରିଆକଟା, ୧୬।୬ (ସମିସ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନବିଭାଗ ଏକ ବୋଲେରୋ ଗାଡି ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ହିନ୍ଦୋଳ ବନାଞ୍ଚଳ ରେଞ୍ଜ କର୍ଣ୍ଣପୁର ବିଟ୍ ଅନ୍ତର୍ଗତ ଡିହସାହି ଗ୍ରାମରେ ୧୨ ରୁ ଉର୍ଦ୍ଧ୍ୱ ହାତୀ ଗାଁକୁ ପଶି ଥିଲେ। ବନବିଭାଗକୁ ଖବର ପାଇବାପରେ ଡ୍ରାଇଭର ସମେତ ୩ ଜଣିଆ ହାତୀ ସ୍କ୍ୱାଡ ଟିମ ରାତି ତମାମ ପେଟ୍ରୋଲିଂ କରି ଫେରିବା ସମୟର ଡ୍ରାଇଭରର ଆଖି ଲାଗି ଯିବାରୁ ଡିହସାହି



ପୋଲରେ ବୋଲେରୋ ଗାଡିଟି ଓଲଟି ପଡି ଥିବା ଜଣା ପଡିଛି। ସୂଚନା ମୁତାବକ କୌଣସି ହାତୀ ସ୍କ୍ୱାଡ ଓ ଡ୍ରାଇଭରଙ୍କ ଜିବନ ସୁରକ୍ଷିତ ଥିବା ବେଳେ କ୍ଷତ ବିକ୍ଷତ ହୋଇ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବାର ଜଣାପଡିଛି।

## ରଜରେ ଆଧ୍ୟାତ୍ମିକ ପ୍ରଦର୍ଶନୀ



**ଢେଙ୍କାନାଳ, ୧୬।୬ (ସମିସ) :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ ଶାଖା ତରଫରୁ ଦୁଇ ଦିନ ପାଇଁ ବନମାଳୀପ୍ରସାଦ ଆମ୍ବ ତୋଟା ରେ ରଜ ଉପଲକ୍ଷେ ଆଧ୍ୟାତ୍ମିକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଗତକାଲି ଏହି ପ୍ରଦର୍ଶନୀ କୁ ମୁନିସିପାଲିଟି ୱାର୍ଡ ନମ୍ବର ୯ ର କାଉନସିଲର ଗ୍ତଙ୍କକ୍ସଛବ କ୍ଟ୍ରକ୍ସବଗ୍ରବକ୍ଟ୍ର ଜକ୍ଟଙ୍କଗ୍ତ୍ର ଫିତା କାଟି ଓ ନଡ଼ିଆ ବାଡେଇ ଉଦଘାଟନ କରିଥିଲେ। ପରେ ପରେ ଢେଙ୍କାନାଳ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ଓ ଅନ୍ୟ ଭାଇ ଭଉଣୀ ମାନେ ଦର୍ଶକ ମାନଙ୍କୁ ଆତ୍ମା ପରମାତ୍ମା, ରାଜଯୋଗର ଗୁରୁତ୍ୱ, ସୃଷ୍ଟି ଚକ୍ର ଓ ଚାପ ମୁକ୍ତ ଜୀବନ ବିଷୟରେ ବୁଝାଇ ଥିଲେ। ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଏହି କାର୍ଯକର୍ମରେ ଯୋଗ ଦେଇଥିଲେ। ବହୁ ଗ୍ରାମବାସୀ ଯୋଗ ଦେଇ ଆଧ୍ୟାତ୍ମିକ ପ୍ରଦର୍ଶନୀ ବୁଲି ଦେଖି ଥିଲେ । ଚାପ ମୁକ୍ତ ଜୀବନ ପାଇଁ ରାଜଯୋଗ ର ଦରକାର ବୋଲି ଉପସ୍ଥାପନା କରିଥିଲେ। ରାଜଯୋଗ ଓ ପରମାତ୍ମା ସ୍ମୃତି ଜୀବନ କୁ ସୁଖ ମୟ କରେ ବୋଲି ବ୍ରହ୍ମାକୁମାରୀ ଉଷା କହିଥିଲେ।

## ବାରମ୍ବାର ବିଦ୍ୟୁତ ବ୍ୟାହତ; ୪ ଘଣ୍ଟା ରାସ୍ତାରୋକ

**ଢେଙ୍କାନାଳ,୧୫।୬(ସମିସ) :** ସଦର ବ୍ଲକ ଅନ୍ତର୍ଗତ କାଇମାଟି, ବେଲଟିକିରି ଏବଂ ନାଗିଆପଶି ଅଞ୍ଚଳରେ ୩୬ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ ସରବରାହ ବ୍ୟାହତ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ରାସ୍ତାରୋକ କରାଯାଇଛି । ଏହାର ପ୍ରତିବାଦରେ ଗ୍ରାମବାସୀମାନେ ମିଳିତ ହୋଇ ଢେଙ୍କାନାଳ ଗଁଦିଆ ମୁଖ୍ୟ ରାସ୍ତାର କାଇମାଟି ନିକଟରେ ରାସ୍ତାରୋକ କରିଥିଲେ । ଏହି ରାସ୍ତା ରୋକ ଦୀର୍ଘ ୪ ଘଣ୍ଟା ଧରି କରାଯିବା ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଯାନବାହାନ ଅଟକି ରହିଥିଲା । କପିଳାସ ଏବଂ ଯୋରନ୍ଦା ପର୍ଯ୍ୟଟନ କ୍ଷେତ୍ରକୁ ଯାଉଥିବା ପର୍ଯ୍ୟଟକ ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ରବିବାର ଅପରାହ୍ନ ୪ଟା ସମୟରେ ମେଘ ପବନ ସହ ଘଡଘଡି ବର୍ଷା ଲାଗି ରହିଥିଲା। ଏହି ବର୍ଷା ଓ ପବନ ଫଳରେ ତାର ଛିଣ୍ଡି ଯାଇଥିଲା । ଦୀର୍ଘ ୩୬ ଘଣ୍ଟା ପରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ବିଦ୍ୟୁତ ସଂଯୋଗ ଦେଇପାରିନଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର



ପୂର୍ବାହ୍ନରେ ଶତାଧିକ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରି ଢେଙ୍କାନାଳ ଗଁଦିଆ ମୁଖ୍ୟ ରାସ୍ତାର କାଇମାଟି ଠାରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ସେହିପରି ଟାଟା ପାୱାର ବିରୁଦ୍ଧରେ ସୋମବାର ରାତ୍ରିରେ ସ୍ଥାନୀୟ କାଠଗଡା ନିକଟରେ ଉତ୍ୟକ୍ତ ବାସିନ୍ଦାମାନେ ୫୫ ନଂ ଜାତୀୟ ରାଜପଥର ଆନନ୍ଦ ନଗର ନିକଟରେ ରାସ୍ତା ଅବରୋଧ କରିଥିଲେ ।

## ରାସ୍ତା ନିର୍ମାଣରେ ଅବହେଳା ଅଭିଯୋଗ

**ଢେଙ୍କାନାଳ , ୧୬।୬ (ସମିସ) :** ପରଜଙ୍ଗ ବ୍ଲକ ଅନ୍ତର୍ଗତ ସିଆରିମାଳିଆ ଏନ୍ଏଚ୍ଠାରୁ ଜୟପୁରାକାଟେଣୀ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟରେ ଅବହେଳାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ପିଚୁ ପଡ଼ିନଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାରେ ଧୂଳି ଉଡି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏହା ଫଳରେ ଯାତାୟାତରେ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତାରେ ଠିକ୍ ଭାବେ ପିଚୁ ପଡୁ ନାହିଁ। ମାଟି ଓ ଗୋଡ଼ି ପକାଇ କାମକୁ ଅଧାରେ ଛାଡ଼ି ହେଉଛନ୍ତି । ଯାହା ଫଳରେ ଦୈନିକ ଯାତ୍ରୀ, ସ୍କୁଲ ଛାତ୍ରଛାତ୍ରୀ ଓ ପଥଚାରୀ ମାନେ ବିଭିନ୍ନ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।



## କପିଳାସ ମହିମା ତପୋବନ ପୀଠ ପରିଚାଳନା ଟ୍ରଷ୍ଟର ନୂତନ କର୍ମକର୍ତ୍ତା



**ଢେଙ୍କାନାଳ,୧୬।୬(ସମିସ) :** କପିଳାସ ମହିମା ତପୋବନ ପୀଠ ପରିଚାଳନା ଟ୍ରଷ୍ଟର ପ୍ରଥମ ବୈଠକ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ପହିଲି ରଜ ମଧ୍ୟାହ୍ନରେ କାଦୁଆ ଗ୍ରାମସ୍ଥିତ ମହିମା ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ଉପାଧ୍ୟକ୍ଷ ଭାବେ ଶିକ୍ଷାବିତ୍ ସମାଜସେବୀ ପ୍ରଦ୍ୟୁମ୍ନ ରଥ ଓ କୁଲାଡର ପରେଶ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସାଧାରଣ ସମ୍ପାଦକ ଭାବେ ଅନୁଗୁଳ ଖଲାରୀର ସନ୍ତୋଷ ଦେହୁରୀ ଏବଂ ସଂପାଦକ ଭାବେ ତପୋବନ ପତ୍ରିକାର ସଂପାଦକ ପ୍ରଶାନ୍ତ ମହାପାତ୍ର, ଆଇନ୍‌ଜୀବୀ ଅଜୟ କୁମାର ଦେହୁରୀ ଓ ଶିକ୍ଷାବିତ୍ ବିଭୁତି ଭୂଷଣ ବିଶ୍ୱାଳଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଭୁବନ ସୁରପ୍ରତାପପୁରର ପ୍ରଶାନ୍ତ କୁମାର ରାଉତ ଓ ସହକୋଷାଧ୍ୟକ୍ଷ ଭାବେ ଅଙ୍ଗାରବନ୍ଧର ମହେଶ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ଏହି ପ୍ରଥମ ବୈଠକରେ ଟ୍ରଷ୍ଟି ପ୍ରଦ୍ୟୁମ୍ନ ରଥ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ରାଉତ, ଶତ୍ରୁଘ୍ନ ସାହୁ, ବିଭୁତି ଭୂଷଣ ବିଶ୍ୱାଳ, ମହେଶ କୁମାର ସାହୁ, ଅଜୟ କୁମାର ଦେହୁରୀ ଓ ସନ୍ତୋଷ କୁମାର ଦେହୁରୀ ଯୋଗଦେଇଥିଲେ। ଏଥିସହ ମହିମା ସନ୍ୟାସୀ କରୁଣାକର ବାବା, ବିନୋଦ ବାବା, ଜ୍ଞାନୀ ବାବା, ସନକ ବାବା ଓ ନିବାରଣ ବାବା ପ୍ରମୁଖ ଉପସ୍ଥିତ ରହିଥିଲେ। ମହିମାସ୍ୱାମୀଙ୍କ ଓଡିଶା ଆଗମନର ୨୦୦ବର୍ଷ ପୂର୍ତି ପାଳନ ଟ୍ରଷ୍ଟ ବୋର୍ଡର ପ୍ରଥମ କାର୍ଯ୍ୟକ୍ରମ ଭାବେ ଗୃହୀତ ହୋଇଛି। ସଭ୍ୟମାନେ ଏହାକୁ ସୂଚାରୁ ଭାବେ ସଫଳତାର ସହ ପାଳନ ହେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଭୁବନ,୧୬।୬ (ସମିସ) :** ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୮ ନମ୍ବର ୱାର୍ଡ ନିବାସୀ ଧର୍ମ ପରାୟଣ ବ୍ୟକ୍ତି ନୃସିଂହ ଗୁରୁ (୬୮)ଙ୍କର ରବିବାର ରାତ୍ରିରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସପ୍ତାହକ ପୂର୍ବେ ସେ ଘରକୁ ଫେରି ଥିଲେ। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସୋମବାର ସକାଳେ



ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୁଦ୍ଧେଶ୍ୱର ରୋଡରେ ଥିବା ତାଙ୍କ ନିଜସ୍ୱ ଜମିରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ନିରଞ୍ଜନ ଗୁରୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନୃସିଂହ ଗୁରୁ ଏକାଧାରରେ ଜଣେ ଧର୍ମ ପରାୟଣ, ଭାଗବତ ପ୍ରେମୀ, ପରୋପକାରୀ, ସ୍ନେହୀ, ମେଳାପୀ ଓ ଦୟାଳୁ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ





**ଗଁଦିଆ, ୧୬।୬ (ସମିସ) :** କୃଷି ଭିତିକ ଗଣ ପର୍ବ ରଜ ମହୋତ୍ସବ ଗଁଦିଆ ବ୍ଲକର ସହର ଠାରୁ ପୁର ପଲ୍ଲୀରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ସ୍ଥାନ ମାନଙ୍କରେ ଦୋଳି ଠାରୁ ଆରମ୍ଭ କରି ନାଚ ଗୀତ ମେଲୋଡି ସହିତ ଆଦିବାସୀ ସାମ୍ପ୍ରଦାୟରେ ତାଙ୍କର ପାରମ୍ପରିକ ନାଚ ଗୀତ ସହିତ ଏହି ରଜ ପର୍ବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପିଙ୍ଗୁଆ ଗ୍ରାମ ପଞ୍ଚାୟତ ଅଧୀନ ନେହେଙ୍ଗେରା ଗ୍ରାମର ବାଲିକିଆରୀ ଠାରେ ଆଦିବାସୀ ସମ୍ପ୍ରଦାୟ ମାନଙ୍କ ଦ୍ୱାରା ପାଳିତ ଉକ୍ତ ପର୍ବରେ ଜିଲ୍ଲାର ବରିଷ୍ଠ ସମାଜ ସେବି ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ପାରମ୍ପରିକ ମହୋତ୍ସବର ଶୁଭ ଉଦଘାଟନ କରି ଉତ୍ସବର ଅଭିମୁଖ୍ୟ ଉପରେ ଦୃଷ୍ଟିପାତ କରିଥିଲେ। ଏହି ଜନଜାତି ସମ୍ପ୍ରଦାୟ ମାନେ ଯେପରି ନିଆରା ଢଙ୍ଗରେ ତାଙ୍କର ପ୍ରାଚୀନ ପାରମ୍ପରିକ କଳାକୁ ଅତି ନିଖୁଣ ଭାବରେ ପ୍ରଦର୍ଶିତ କରି ଭରପୁର ଆନନ୍ଦ ପାଉଛନ୍ତି। ତାହାକୁ ସେ ଭୁରିୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଉକ୍ତ ଆଦିବାସୀ ମାନଙ୍କ ଗହଣରେ ସେମାଙ୍କ ସହିତ ମିଶି ମାଦଳର ତାଳେ ତାଳେ ନୃତ୍ୟ କରିଥିଲେ। ଗ୍ରାମବାସୀ ମାନଙ୍କର ଦୀର୍ଘଦିନର ଥିବା ସମସ୍ୟା ଗୁଡିକ ଖୁବ ଶୀଘ୍ର ପୂରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ କୁମାର ଦାସ, ପ୍ରଦୀପ କୁମାର ଦାସ ଦୀପକ ଦାସ ସାମନ୍ତ ରବିନାରାୟଣ ସାହୁ ଓ ଅମୁଲ୍ୟ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହାପରେ ନିହଲପ୍ରସାଦ ଠାରେ ଅନୁଷ୍ଠିତ ମୋ ଗାଁ ରଜ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ରାମଚନ୍ଦ୍ର ପାତ୍ର ଯୋଗଦାନ କରି ଦ୍ୱିତୀୟ ଦିନ ଉତ୍ସବର ଶୁଭ ଉଦଘାଟନ କରିଥିଲେ । ଏଠିକାର ରଜ ମହୋତ୍ସବ ପାଳନ ନିଆରା ଢଙ୍ଗକୁ ଦେଖି ବିମୋହିତ ହେବା ସହିତ ନିଜର ବକ୍ତବ୍ୟରେ ଉକ୍ତ ସ୍ଥାନରେ ଯେଉଁ ଭଳି ଭାବରେ ତାହାକୁ ପାଳନ କରାଯାଉଛି ତାହା କୌଣସି ସହର କାର୍ଯ୍ୟକ୍ରମ ଠାରୁ କମ ନୁହେଁ ଏଠି ରଜ ନୁଁହେତ ଗୋଟିଏ ବଡ଼ ଧରଣର ମେଳା ଲାଗିଛି । ଯାହାକୁ ନେଇ ସେ ଉତ୍ସାହୀ କାର୍ଯ୍ୟକର୍ତ୍ତା ମାନଙ୍କର ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲଳିତ କୁମାର ଦାସ , ଅଞ୍ଜନ କୁମାର ସାହୁ ଙ୍କ ସମେତ ଅନ୍ୟ ପ୍ରମୁଖ ଅତିଥି ମାନେ ଯୋଗଦାନ କରିଥିଲେ । ରଶ୍ମିତା ସାହୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ସ୍ଥାନରେ ଅନୁଷ୍ଠାନ ତରଫରୁ ନାଚ ଗୀତ ସହିତ ମେଲୋଡି ଅନୁଷ୍ଠିତ ହୋଇଥିଲା।

## ରଜ ମହୋତ୍ସବ ଉଦ୍‌ଯାପିତ

**ଢେଙ୍କାନାଳ, ୧୬।୬ (ସମିସ) :** ସ୍ଥାନୀୟ ଗଡଦାଶିଳାସ୍ଥିତ ଶ୍ରୀରାମ ମନ୍ଦିର ମଣ୍ଡପ ପରିସରରେ ଦୁଇଦିନିଆ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନର କାର୍ଯ୍ୟକ୍ରମକୁ ରାଜୀବ ଲୋଚନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଶିଶିର ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଆଽ ସଂସ୍କୃତି ଓ ରଜ ପର୍ବର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ରାଉତ, ପୁରୁଷୋତମ ରାଉତ ଓ ଜ୍ୟୋସ୍ନା ମିଶ୍ର ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ପଦ୍ମିନୀ ନାୟକ ମୁଖ୍ୟ ଅତିଥି ଓ ସମିତି ସଭ୍ୟା ସସ୍ମିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିମିନଇ କଲେଜର ଅଧ୍ୟକ୍ଷ ଅଶୋକ କୁମାର ମହାରଣା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ରଜ ପର୍ବର ସାମାଜିକ ଓ ସାଂସ୍କୃତିକ ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ପ୍ରହ୍ଲାଦ ସାହୁ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବନଜ କୁମାର ରଥ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ ସଇଁବିରି ନିତ୍ୟ ହରିନାମ ସଙ୍କୀର୍ତନ ମଣ୍ଡଳୀ ପକ୍ଷରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ପ୍ରସନ୍ନ କୁମାର ରଥ, ପୁରୁଷୋତମ ରାଉତ, ସାମ୍ବାଦିକ ଆଶିଷ ଶତପଥୀ, ବରିଷ୍ଠସାମ୍ବାଦିକଆଦିତ୍ୟକୁମାର ପଣ୍ଡା, ଡା. ଶାନ୍ତି ଭୂଷଣ ପଣ୍ଡା, ବଳରାମ ସାହୁ, କାମାକ୍ଷା ପ୍ରସାଦ ସାହୁ, ସମାଜସେବି ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସ୍ୱର୍ଗତ ଭ୍ରମରବର ରାଉତଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଚେତନା କଳା ପରିଷଦ, ଗଡଦାଶିଳା, ଅଭିନୟ ଫାଉଣ୍ଡେସନ, ଢେଙ୍କାନାଳର କଳାକାର ଏବଂ ସ୍ଥାନୀୟ କୁନି କୁନି ପ୍ରତିଭାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ସମ୍ବିତ କୁମାର ରଥ, ତାପସ ନାୟକ, ଅନିଲ କୁମାର ତୁଙ୍ଗ, ବିଭୁ ପ୍ରସାଦ ରଥ ଓ କଳାକାର ପ୍ରଦୋଷ କୁମାର ମିଶ୍ର ମହୋତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପ୍ରଥମ ଦିନ ବର୍ଷା ଓ ପବନ ସତ୍ତ୍ୱେ ବର୍ଷା ଛାଡ଼ିବା ପରେ ମହୋତ୍ସବରେ ଗହଳି ଚହଳି ଲାଗିରହିଥିଲା ।




## ୩୦ ବର୍ଷ ପରେ ପୁନଃଜୀବିତ ହେବ ଗୋବିନ୍ଦପୁର ସୂତାକଳ!





**ଢେଙ୍କାନାଳ,୧୬।୬ (ସମିସ) :** ଓଡିଶାର ରାଜଧାନୀ ଭୁବନେଶ୍ୱରରେ ମଧ୍ୟବିତ, ନିମ୍ନମଧ୍ୟବିତ ଓ ଦୁର୍ବଳଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱଳ୍ପଦିନ ବିଶିଷ୍ଟ ଅସ୍ଥାୟୀ ରହଣୀ ପାଇଁ ଜନାଶ୍ରୟ ଭବନ ନିର୍ମାଣ ସହିତ ଓଡିଶାର ରୁଗ୍ଣ ଓ ଅଚଳ ହୋଇପଡିଥିବା ଶ୍ରମଭିତିକ ସୂତାକଳଗୁଡିକର ପୁନଃଉଦ୍ଧାର ପାଇଁ ଅର୍ଥ ବରାଦ ଏକ ଯୁଗାନ୍ତକାରୀ ପଦକ୍ଷେପ। ସଧାରଣ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ରାଜଧାନୀ ଭୁବନେଶ୍ୱରରେ ଜନାଶ୍ରୟ ଭବନ ମାଧ୍ୟମରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ପାଇଁ ଏକ ବାସ୍ତବ ଲୋକାଭିମୁଖୀ ଯୋଜନାର ମାନ୍ୟତା ବହନ କରୁଛି। ପର୍ଯ୍ୟଟନ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ, ବେସରକାରୀ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟଗତ ପ୍ରଭୃତି ବିଭିନ୍ନ ସମସ୍ୟା ନେଇ ରାଜଧାନୀ ଆସୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଅର୍ଥସାଶ୍ରୟକାରୀ ଏକ ବରଦାନ ସଦୃଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ଓଡିଶାର ଅର୍ଥନୈତିକ ସମୃଦ୍ଧି ସହ ହଜାର ହଜାର ବେରୋଜଗାରୀଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ଓଡିଶାର ଅଚଳ ସୂତାକଳଗୁଡିକର ପୁନରୁଦ୍ଧାର ବ୍ୟବସ୍ଥା ସହାୟକ ହେବ। ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଏହି ଦୁଇ ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସରକାରଙ୍କୁ ଅଭିନନ୍ଦନ ଜଣାଉଥିବାର ଏହାର ସଭାପତି ପ୍ରଦ୍ୟୁମ୍ନ ରଥ ଓ ସଭ୍ୟବୃନ୍ଦ ପ୍ରକାଶ କରିଛନ୍ତି। ଓଡିଶାରେ ସୁନାମ ଅର୍ଜିଥିବା ଗତ ୮୦ ଦଶକରେ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଢେଙ୍କାନାଳ ଗୋବିନ୍ଦପୁରର କଳିଙ୍ଗ ସମବାୟ ସୂତାକଳ ଦୀର୍ଘ ୩୦ବର୍ଷ ପରେ ପୁନର୍ଜୀବିତ ହେବାର ଆଶା ସ୍ଥାନୀୟ ଅଞ୍ଚଳର କର୍ମଜୀବୀ ଓ ବୁଦ୍ଧିଜୀବୀଙ୍କୁ ଉତ୍ସାହିତ କରିଛି। ପ୍ରସ୍ତାବିତ ଓଡିଶା କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍‌ରୋଡ୍ ପାଶ୍ୱର୍ରେ ଥିବା ଏହି ସୂତାକଳ ପୁନଶ୍ଚ ତା'ର ହୃତ ଗୌରବ ଫେରି ପାଇବ ବୋଲି ଆଶା କରାଯାଏ। ପ୍ରତ୍ୟକ୍ଷ ନିଯୁକ୍ତି ସହ ପରୋକ୍ଷ ନିଯୁକ୍ତିର ବାଟ ମଧ୍ୟ ଏହି ଅଚଳ ସୂତାକଳ ସଚଳ ହେଲେ ଖୋଲି ପାରିବ ବୋଲି ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ଆଶା କରେ।

## ଆଞ୍ଚଳିକ ରଜ ମହୋତ୍ସବରେ ଜମିଲା ନୃତ୍ୟ ଗୀତର ଆସର

**ଗଁଦିଆ, ୧୬।୬ (ସମିସ) :** ଗଁଦିଆ ବ୍ଲକ ମିନି ଷ୍ଟାଡିୟମରେ ଆଞ୍ଚଳିକ ରଜ ମହୋତ୍ସବ କମିଟି ତାର ସପ୍ତମ ବର୍ଷରେ ରଜ ମହୋତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ପହଲି ରଜ ସନ୍ଧ୍ୟା ଥିଲା ଆଞ୍ଚଳିକ ରଜ ମହୋତ୍ସବର ସପ୍ତମ ବର୍ଷର ଉଦ୍‌ଯାପନ ଦିବସ। ଅନେକ ନୃତ୍ୟ ଗୀତ ଆସରରେ ପ୍ରକମ୍ପିତ ହୋଇଥିଲା ଗଁଦିଆ ମିନି ଷ୍ଟାଡିୟମ । ଆଞ୍ଚଳିକ ରଜ ମହୋତ୍ସବ କମିଟିର ସଭାପତି ଶୁଭଦର୍ଶିନୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ମହିଳା ଶିଳ୍ପ ଉଦ୍ୟୋଗୀ ସେଲିନା ସାମଲ ରଜ ମହୋତ୍ସବ




ଓଡ଼ିଶାର କୃଷି ଭିତିକ ଗଣ ପର୍ବ ହୋଇଥିବାରୁ ଏହା ମାଆ ଭଉଣୀ ଝିଅ ମାନଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ରଜ ପର୍ବ ଓଡ଼ିଆ ସଂସ୍କୃତି ଓଡ଼ିଆ ଅସ୍ମିତା ଓଡ଼ିଆ ପରମ୍ପରାର ପ୍ରତୀକ ବୋଲି ମତବ୍ୟକ୍ତ କରି ଏହାର ମଜା କୁ ସ୍ଥାନୀୟ ଜନସାଧାରଣେ ଉପଭୋଗ କରିଥିବାରୁ ଆୟୋଜକ କମିଟି ସହିତ କର୍ମକର୍ତାଙ୍କୁ ଶୁଭେଚ୍ଛା ସହିତ ଶୁଭକାମନା ଜଣାଇଥିଲେ। ସମ୍ମାନୀତ ଅତିଥି ଭାବେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ, ସୋରିଶିଆପଦା ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ବିଜୁ ଜନତା ଦଳ ଗଁଦିଆ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ବିଜୁଜନତା ଦଳ ଛାତ୍ର ସଂଗଠନର ସଭାପତି ଆରିୟନ ଦାଶ ମଞ୍ଚାସୀନ ହୋଇ ରଜ ପର୍ବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବା ନିବୃତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୁଶ୍ରୀ ଅଙ୍କିତା ସାହୁ ସଂଯୋଜନା କରିଥିଲେ। ଯୁବ ସମାଜସେବୀ ତାପସ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦଣ୍ଡଧର ସାହୁ, ସମାଜ ସେବୀ ଡମ୍ବରୁଧର ସେଠୀ, ରାଘବ ମହାରଣା, ବଳରାମ ଓଝା, ମଦନ ରାଉତ, ଜଗନ୍ ଦାସ, ସନ୍ତୋଷ ରାଉତ, ଶକ୍ତି ସାହୁ, ମାନ ଗୋବିନ୍ଦ ସାହୁ, ଅରୁଣ ପ୍ରଧାନ, ରମାକାନ୍ତ ସାହୁ, ରାମଚନ୍ଦ୍ର ଦାସ, ଅଭିମନ୍ୟୁ ଦାସ, ଦେବରାଜ ଓଝା, ନିତ୍ୟାନନ୍ଦ ସାହୁ, ସିକୁ ପରିଡ଼ା, ତାପସ କୁମାର ସ୍ୱାଇଁ, ଭାସ୍କର ସାହୁଙ୍କ ସହିତ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ସକ୍ରୀୟ ସହଯୋଗ କରିଥିଲେ। ଯୁଗ୍ମ ଭାବେ ପ୍ରିୟାଂଶି ପ୍ରିୟଦର୍ଶିନୀ ସାହୁ, ସିପ୍ରା ସୋହାନୀ ରାଉତଙ୍କୁ "ରଜ କୁଇନ୍' ରୂପେ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟତମା ମିଶ୍ର ସଭାପତି ଇନର ହୁଇଲ କ୍ଲବ କପିଳାସଙ୍କୁ ସେବାରତ୍ନ ସମ୍ମାନ, ସମୀକ୍ଷା ନନ୍ଦଙ୍କୁ କ୍ରୀଡା ରତ୍ନ ସମ୍ମାନ, ପାର୍ଥ ସାରଥି ଖିଲାରଙ୍କୁ ଗଁଦିଆ ଶିକ୍ଷା ରତ୍ନ ସମ୍ମାନ, ମମତା ସ୍ୱାଇଁଙ୍କୁ ସଫଳ ଚାଷୀ ସମ୍ମାନ, ଯଶୋଦା ସାହୁଙ୍କୁ ଭଗବତ୍ ସେବା ସମ୍ମାନ ପୋରୁହଖୋଜ ଗ୍ରାମର ଫୁଲ ବେହେରା ଓ ନରୋତମ ବେହେରାଙ୍କୁ ସୁକନ୍ୟା ମାତା ପିତା ସମ୍ମାନ, କପିଳାସ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା ଓ ନୂଆଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯିବା ସଙ୍ଗେସଙ୍ଗେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

